# NATIONAL NEWS BULLETIN (ODIA)

## 8 January - 2026

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

---

- ଭକ୍ତିମୟ ପରିବେଶ ମଧ୍ୟରେ ଆଜିଠାରୁ ଆରମ୍ଭ ହେଲା ୪ ଦିନିଆ ସୋମନାଥ ସ୍ୱାଭିମାନ ପର୍ବ ।

- 'ହାସ୍‌ଟ୍ୟାଗ ସୋମନାଥ ସ୍ୱାଭିମାନ ପରବ୍' ମାଧ୍ୟମରେ ନିଜର ସ୍ମୃତି ବାଣ୍ଟିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

- ୨୦୨୬ ଆର୍ଥିକ ବର୍ଷ ପାଇଁ ଭାରତର ବାସ୍ତବିକ ଜିଡିପି ଅଭିବୃଦ୍ଧି ହାର ୭ ଦଶମିକ ୬ ପ୍ରତିଶତ ରହିବ ବୋଲି ମୋର୍ଗାନ ଷ୍ଟାନ୍‌ଲେର ଆକଳନ ।

- ପ୍ରମୁଖ ବଜାର କ୍ଷେତ୍ରଗୁଡ଼ିକୁ ସାମିଲ କରି ଏକ ବିବିଧ ଅର୍ଥନୈତିକ ରଣନୀତିକୁ ଅନୁସରଣ କରିବା ନେଇ ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତିଙ୍କ ଘୋଷଣା ।

ଏବଂ

- ମାଲେସିଆ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମହିଳା ଏକକ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେଲେ ଭାରତର ପି.ଭି. ସିନ୍ଧୁ ।

---

# ସୋମନାଥ ସ୍ୱାଭିମାନ ପର୍ବ

ସୋମନାଥ ସ୍ୱାଭିମାନ ପର୍ବ ଆଜିଠାରୁ ଆରମ୍ଭ ହୋଇଛି । ଏକହଜାର ୨୬ ମସିହା ଜାନୁଆରୀ ମାସରେ ଗଜନୀର ମହମୁଦଙ୍କ ଦ୍ୱାରା ମନ୍ଦିର ଉପରେ ହୋଇଥିବା ଆକ୍ରମଣର ହଜାରେତମ ବାର୍ଷିକୀ ଏବଂ ୧୯୫୧ ମସିହାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନେତୃତ୍ୱରେ ମନ୍ଦିରର ପୁନଃ ପ୍ରତିଷ୍ଠାର ୭୫ବର୍ଷ ପାଳନ ଅବସରରେ ଆଜିଠାରୁ ଏହି ୪ଦିନିଆ ପର୍ବ ପାଳନ ଆରମ୍ଭ ହୋଇଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଏକ ବିଶାଳ ଡ୍ରୋନ୍ ପ୍ରଦର୍ଶନୀ, ନିରନ୍ତର ୭୨ ଘଣ୍ଟାର ଓଁକାର ନାଦ ଏବଂ ସୌର୍ଯ୍ୟ ଯାତ୍ରା ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ହେବ । ଏହି ଡ୍ରୋନ୍ ପ୍ରଦର୍ଶନୀରେ ୩ହଜାର ଡ୍ରୋନ୍ ସାମିଲ ହେବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପର୍ବ ଆରମ୍ଭ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଦେଶର ନୀତି ଏବଂ ଆଦର୍ଶ ସହିତ ସାଲିସ କରିନଥିବା ଅଗଣିତ ସନ୍ତାନଙ୍କୁ ସ୍ମରଣ କରିବା ଏହି ପର୍ବ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଏକହଜାର ୨୬ ମସିହା ଜାନୁଆରୀ ମାସରେ ଆକ୍ରମଣର ସମ୍ମୁଖୀନ ହୋଇଥିବା ଏହି ମହାନ ମନ୍ଦିର ପରବର୍ତ୍ତୀ କାଳରେ ବାରମ୍ବାର ପୁନଃନିର୍ମିତ ହୋଇଥିଲା । ଶ୍ରଦ୍ଧାଳୁଙ୍କର ବିଶ୍ୱାସ ଏବଂ ଦେଶର ସଭ୍ୟତାଗତ ସଂକଳ୍ପକୁ ଏହା ନିଶ୍ଚିତ କରିଛି । ଦେଶର ମହାନ ସଭ୍ୟତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶବାସୀ ନିଜ ହୃଦୟରେ ହଜାର ହଜାର ବର୍ଷ ଧରି ସୋମନାଥ ମନ୍ଦିର ଜୀବିତ ହୋଇ ରହିଆସିଛି । ପ୍ରଧାନମନ୍ତ୍ରୀ ଏହି ପର୍ବରେ ସାମିଲ ହେବା ସହ ହାସ୍‌ଟ୍ୟାଗ୍

ସୋମନାଥ ସ୍ୱାଭିମାନ ପରବ ବ୍ୟବହାର କରି ନିଜର ସ୍ମୃତି ବାଣ୍ଟିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଦେଶ ସଭ୍ୟତାର ମୂଳତତ୍ତ୍ୱ ସମ୍ପର୍କରେ ପରବର୍ତ୍ତୀ ପୀଢ଼ିକୁ ଏହି ମନ୍ଦିର ପ୍ରେରଣା ପ୍ରଦାନ କରିଆସୁଛି ।

ଆସନ୍ତା ୧୧ ତାରିଖରେ ପ୍ରଧାନମନ୍ତ୍ରୀ ଏହି ପର୍ବରେ ଯୋଗଦେବେ । ଏହି ଅବସରରେ ବର୍ଷବ୍ୟାପୀ ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ।

# ଜିଡିପି-ମୋର୍ଗାନ ଷ୍ଟାନ୍‌ଲି

୨୦୨୬ ଆର୍ଥିକ ବର୍ଷ ପାଇଁ ଭାରତର ବାସ୍ତବିକ ଜିଡିପି ଅଭିବୃଦ୍ଧି ହାର ୭ ଦଶମିକ ୬ ପ୍ରତିଶତ ରହିବ ବୋଲି ମୋର୍ଗାନ ଷ୍ଟାନ୍‌ଲେ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ନିତୀଗତ ପ୍ରୋତ୍ସାହନ ମାଧ୍ୟମରେ ଗତବର୍ଷ ଦେଶରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ଆଧାରରେ ରିପୋର୍ଟରେ ଏଭଳି ଆକଳନ କରାଯାଇଥିବା ଜଣାପଡିଛି । ଦେଶର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ସଂକ୍ରାନ୍ତ ପୂର୍ବାନୁମାନଠାରୁ ଏହା ଅଧିକ ହୋଇଛି । ପରିସଂଖ୍ୟାନ କାର୍ଯ୍ୟାଳୟ ଦେଶର ବାସ୍ତବିକ ଜିଡିପି ଅଭିବୃଦ୍ଧି ୭ ଦଶମିକ ୪ ପ୍ରତିଶତ ହେବ ବୋଲି ଆକଳନ କରିଥିଲା । ସକରାତ୍ମକ ଅର୍ଥନୈତିକ ବ୍ୟବସ୍ଥା

ଏବଂ ମୁଦ୍ରାନୀତି ଯୋଗୁଁ ଦେଶରେ ଉନ୍ନତ କ୍ରୟଶକ୍ତି ଏବଂ ଶ୍ରମ ବଜାରର ବ୍ୟାପକତା ଏହି ଅଭିବୃଦ୍ଧି ହାରକୁ ସୁନିଶ୍ଚିତ କରିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଦେଶରେ ନିବେଶ କ୍ଷେତ୍ରରେ ଉନ୍ନତି ଘରୋଇ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ପ୍ରଦାନ କରୁଛି ବୋଲି ରିପୋର୍ଟରେ କୁହାଯାଇଛି । ଅନ୍ୟପକ୍ଷରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତା’ର ସଦ୍ୟତମ ରିପୋର୍ଟରେ କହିଛି ୨୦୨୭ ଆର୍ଥିକ ବର୍ଷରେ ଦେଶର ଟିକସ ସଂଗ୍ରହ ବୃଦ୍ଧି ପାଇବ । ୨୦୨୭ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ହାର ୧୦ ଦଶମିକ ୧ ପ୍ରତିଶତ ହୋଇପାରେ ବୋଲି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ରିପୋର୍ଟରେ ଆକଳନ କରାଯାଇଛି ।

## କ୍ୱାତ୍ରା-ୟୁଏସ୍

ଆମେରିକାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା କ୍ୟାପିଟାଲ ହିଲ୍‌ଠାରେ ଆମେରିକା ପ୍ରତିନିଧି ସଭାର ୫୬ତମ ବାଚସ୍ପତି ମାଇକ୍ ଜନ୍‌ସନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଗତବର୍ଷ ଏପ୍ରିଲ ମାସରେ ଜାମ୍ମୁ-କାଶ୍ମୀର ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ଗ୍ରହଣ କରିଥିବା ଆତଙ୍କବାଦ ବିରୋଧୀ ପଦକ୍ଷେପକୁ ସମର୍ଥନ କରିଥିବାରୁ ଶ୍ରୀ କ୍ୱାତ୍ରା ବାଚସ୍ପତି ଜନ୍‌ସନ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆତଙ୍କବାଦର ମୁକାବିଲା

ଏବଂ ସୁରକ୍ଷା ସମ୍ପର୍କିତ ଆହ୍ୱାନଗୁଡ଼ିକ ମୁକାବିଲା କରିବା ଦିଗରେ ଦୁଇଦେଶ ମଧ୍ୟରେ ସହଯୋଗକୁ ଅଧିକ ମଜଭୁତ କରିବା ନେଇ ଆଲୋଚନା କାଳରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଭାରତ-ଆମେରିକା ସହଭାଗିତାର ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଶ୍ରୀ କ୍ୱାତ୍ରା ବାଚସ୍ପତି ଜନ୍‌ସନ୍‌ଙ୍କୁ ଅବଗତ କରାଇଛନ୍ତି । ପ୍ରତିରକ୍ଷା, ଆଭ୍ୟନ୍ତରୀଣ ସୁରକ୍ଷା, ତୈଳ ଏବଂ ଗ୍ୟାସ୍, ବାଣିଜ୍ୟ ଏବଂ ଶକ୍ତି କ୍ଷେତ୍ର ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ଦୁଇଦେଶ ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି ସମ୍ପର୍କିତ ପ୍ରସଙ୍ଗ ନେଇ ମଧ୍ୟ ଆଲୋଚନା ହୋଇଥିବା ଶ୍ରୀ କ୍ୱାତ୍ରା ସୂଚନା ଦେଇଛନ୍ତି । ସେ କହିଛନ୍ତି ଏକ ନିରପେକ୍ଷ, ସନ୍ତୁଳିତ ଏବଂ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତିପାଇଁ ଉଭୟ ଦେଶ ପ୍ରୟାସ ଜାରି ରଖିଛନ୍ତି ।

## ଭେନେଜୁଆଲା-ରୋଡ୍ରିଗିଜ୍

ଭେନେଜୁଆଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲ୍‌ସୀ ରୋଡ୍ରିଗିଜ୍ କହିଛନ୍ତି ଆମେରିକା ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ବର୍ତ୍ତମାନ ଏକ ଉଲ୍ଲେଖନୀୟ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ତେବେ ସବୁ ମହାଦେଶର ପ୍ରମୁଖ ବଜାର କ୍ଷେତ୍ରକୁ ସାମିଲ କରି ଏକ ବିବିଧ ଅର୍ଥନୈତିକ ରଣନୀତିକୁ ଭେନେଜୁଆଲା ଅନୁସରଣ କରିବ ବୋଲି ସେ କହିଛନ୍ତି । ସରକାରୀ

ଟେଲିଭିଜନରେ ସିଧା ପ୍ରସାରଣ ମାଧ୍ୟମରେ ସମ୍ବୋଧନ କରି ରାଷ୍ଟ୍ରପତି ରୋଡ୍ରିଗିଜ୍ କହିଛନ୍ତି ଆମେରିକା ଗ୍ରହଣ କରୁଥିବା ପଦକ୍ଷେପ ଗୁଡ଼ିକରେ ଭେନେଜୁଆଲାକୁ ଦୂରେଇ ରଖିବା ନୀତି ଗ୍ରହଣ କରୁଛି । ଦୁଇଦେଶ ମଧ୍ୟରେ ଅର୍ଥନୈତିକ ଏବଂ ବାଣିଜ୍ୟିକ ସମ୍ପର୍କ ଅସ୍ୱାଭାବିକ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଭେନେଜୁଆଲା ରପ୍ତାନୀ କ୍ଷେତ୍ରର ୭୧ପ୍ରତିଶତ ୮ଟି ଦେଶ ଉପରେ କେନ୍ଦ୍ରୀଭୂତ । ସେଥିମଧ୍ୟରୁ ୨୫ ପ୍ରତିଶତ ଆମେରିକା ପାଇଁ ଉଦ୍ଦିଷ୍ଟ ବୋଲି ରାଷ୍ଟ୍ରପତି ରୋଡ୍ରିଗିଜ୍ କହିଛନ୍ତି । ଦେଶର ଉଭୟ ସରକାରୀ ଏବଂ ଘରୋଇ କ୍ଷେତ୍ର ବିଶ୍ୱ ବଜାରରେ ପ୍ରବେଶ କରିବା ଆନ୍ତର୍ଜାତିକ ସହଯୋଗ ପ୍ରତି ଭେନେଜୁଆଲାର ଉନ୍ମୁକ୍ତ ପଥକୁ ପ୍ରତିପାଦନ କରୁଛି । ସାମ୍ପ୍ରତିକ ପରିସ୍ଥିତି ସତ୍ତ୍ୱେ ଦେଶର ସାର୍ବଭୌମତ୍ୱ, କ୍ଷେତ୍ରିୟ ଅଖଣ୍ଡତା ଏବଂ ଶାନ୍ତି ରକ୍ଷାପାଇଁ ସଂସଦ ପ୍ରୟାସ ଜାରି ରଖିବ ବୋଲି ସେ କହିଛନ୍ତି ।

## ଦିଲ୍ଲୀ ପୋଲିସ-ଫରେନ୍ ନ୍ୟାସନାଲ

ନୂଆଦିଲ୍ଲୀରେ ବୈଧ ଭିସା ନଥାଇ ବେଆଇନ୍ ଭାବରେ ଗତ ୧ବର୍ଷ ଧରି ବସବାସ କରୁଥିବା ୫୪୮ ବିଦେଶୀ ନାଗରିକଙ୍କୁ ଦିଲ୍ଲୀ ପୋଲିସ ଚିହ୍ନଟ କରିଛି । ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚିହ୍ନଟଙ୍କୁ ସେମାନଙ୍କ ଦେଶକୁ ପଠାଇ ଦିଆଯାଇଛି । ଦିଲ୍ଲୀ ପୋଲିସର ଉପ

କମିଶନର ସଚ୍ଚିନ ଶର୍ମା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସେମାନଙ୍କ ମଧ୍ୟରେ ୩୮୦ଜଣ ବାଂଲାଦେଶର, ୧୧୧ଜଣ ନାଇଜେରିଆର ଏବଂ ୧୩ ଜଣ ଘାନା ବାସିନ୍ଦା ଅଟନ୍ତି । ଦିଲ୍ଲୀରେ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ବେଆଇନ୍ ଭାବରେ ବସବାସ କରୁଥିବା ବିଦେଶୀଙ୍କୁ ବହିଷ୍କାର କରିବା ଲକ୍ଷ୍ୟ ନେଇ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି ।

## ପ୍ରଗତି–ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତି' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ମହାରାଷ୍ଟ୍ରର ସୋଲାପୁର ସ୍ଥିତ ତାପଜ ବିଦ୍ୟୁତ୍ କେନ୍ଦ୍ର ସମ୍ପର୍କରେ ।

ମହାରାଷ୍ଟ୍ରର ସୋଲାପୁର ସ୍ଥିତ ସୁପର ଥର୍ମାଲ୍ ପାୱାର୍ ଷ୍ଟେସନ୍ ବା ତାପଜ ବିଦ୍ୟୁତ୍ କେନ୍ଦ୍ର ଆଞ୍ଚଳିକ ଶକ୍ତି ସୁରକ୍ଷା ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପ୍ରକଳ୍ପ । ଏହା ରାଜ୍ୟର ବିଦ୍ୟୁତ୍ ଚାହିଦା ପୂରଣ କରିବାରେ ସକ୍ଷମ ହୋଇପାରିଛି । ପ୍ରାୟ ୧୧ ହଜାର ୪୦୬ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର ବିକାଶ କରାଯାଇଥିଲା । ଏଥିରୁ ୧ ହଜାର ୩୨୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନର କ୍ଷମତା ରହିଛି । ୨୦୧୨ ମସିହା ମାର୍ଚ୍ଚରେ ଏହି ପ୍ରକଳ୍ପ ହାତକୁ ନିଆଯାଇଥିଲା । ୨୦୧୫ ଡିସେମ୍ବର ୩୦ ତାରିଖରେ ଅନୁଷ୍ଠିତ ପ୍ରଗତି ସମୀକ୍ଷା ସମୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରାଥମିକ ସ୍ତରରେ ଥିଲା । ସମୟ ନିର୍ଦ୍ଧାରିତ ସହଯୋଗ ଏବଂ ଦୃଢ଼ ନେତୃତ୍ୱ କ୍ରମେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବଙ୍କୁ ୨୦୧୬ ମସିହା ଫେବୃୟାରୀ ସୁଦ୍ଧା ପୁନଃ ଥଇଥାନ୍ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଶକ୍ତି ସଚିବଙ୍କୁ ୨୦୧୭ ଜାନୁଆରୀ ସୁଦ୍ଧା ପ୍ରକଳ୍ପର ଉଭୟ ୟୁନିଟ୍ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରକଳ୍ପ ଦ୍ୱାରା ୧୧୫ କିଲୋମିଟର ଜଳ ପାଇପ୍ ଲାଇନ୍ ଯୋଗେ ଉଜ୍ଜୟିନୀ ବନ୍ଧରରୁ ଲୋକମାନଙ୍କୁ ନିରନ୍ତର ଜଳ ଯୋଗାଇ ଦିଆଯାଇପାରୁଛି । ପ୍ରଗତି କାର୍ଯ୍ୟକ୍ରମର ଏହି ସୋଲାପୁର୍ ସୁପର୍ ଥର୍ମାଲ୍ ପାୱାର୍ ଷ୍ଟେସନ୍ ଏକ ବଡ଼

ଉଦାହରଣ ସୃଷ୍ଟି କରିଛି । ଏହି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଜନସାଧାରଣଙ୍କୁ ବିଶ୍ୱସନୀୟ ଭାବେ ଶକ୍ତି ଯୋଗାଣ, ଶକ୍ତି ସୁରକ୍ଷା ସୁଦୃଢ଼ ଏବଂ ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛି ।

## ବ୍ୟାଡମିଣ୍ଟନ ମାଲେସିଆ ଓପନ

ମାଲେସିଆ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମହିଳା ଏକକ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଭାରତର ପି.ଭି. ସିନ୍ଧୁ ଉନ୍ନୀତ ହୋଇଛନ୍ତି । କ୍ୱାଲାଲାମପୁରଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଆଜି ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍‌ରେ ସିନ୍ଧୁ ଜାପାନ ପ୍ରତିପକ୍ଷ ଟୋମୋକୋ ମିଆଜାକିଙ୍କୁ ୨୧-୮, ୨୧-୧୩ ପଏଣ୍ଟରେ ପରାସ୍ତ କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ସିନ୍ଧୁ ଚତୁର୍ଥଥର ପାଇଁ ପ୍ରବେଶ କରିଛନ୍ତି । ଜାପାନର ଆକାନେ ୟାମାଗୁଚି ଏବଂ ଚୀନ୍‌ର ଗାଓପଙ୍ଗ ଜୀ ଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କୁ ସିନ୍ଧୁ ଆସନ୍ତାକାଲି କ୍ୱାର୍ଟରଫାଇନାଲରେ ଭେଟିବେ ।

ଅନ୍ୟପକ୍ଷରେ ପୁରୁଷ ଏକକ ବର୍ଗରେ ଚୀନ୍‌ର ସି.ୟୁକିଙ୍କ ଠାରୁ ଭାରତର ଆୟୁଷ ସେଟ୍ଟୀ ପରାସ୍ତ ହୋଇଛନ୍ତି । ଲକ୍ଷ୍ୟ ସେନ୍ ମଧ୍ୟ ତାଙ୍କ ପ୍ରତିଯୋଗୀଙ୍କ ଠାରୁ ପରାସ୍ତ ହୋଇଥିବା ଜଣାପଡିଛି ।